ପଞ୍ଜାବ ରାଜ୍ୟ

ବନାମ

କର୍ଣ୍ଣେଲ ସିଂହ

(ଫୌଜଦାରୀ ଆବେଦନ ସଂଖ୍ୟା 1505/2008)

ସେପ୍ଟେମ୍ବର 22,2008

**[ଡକ୍ଟର ଅରିଜିତ ପଶାୟତ ଏବଂ ଜେ. ଏମ. ପାଞ୍ଚାଲ, ନ୍ୟାୟମୂର୍ତ୍ତିବୃନ୍ଦ]**

*ଦୁର୍ନୀତି ନିବାରଣ ଅଧିନିୟମ, 1988 - ଦୁର୍ନୀତି ନିବାରଣ ଅଧିନିୟମର ଧାରା 7 ଏବଂ 13 (2) ଅନୁଯାୟୀ ପଞ୍ଜାବ କୃଷି ବିକାଶ ବ୍ୟାଙ୍କର ଉତ୍ତରଦାତା - ପରିଚାଳକଙ୍କ ବିରୋଧରେ ଅଭିଯୋଗ ପ୍ରସ୍ତୁତ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହା ଧରି ନେଇ ଅଭିଯୋଗକୁ ରଦ୍ଦ କରିଦିଆଗଲା ଯେ ଉତ୍ତରଦାତା "ସରକାରୀ କର୍ମଚାରୀ" ର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ ହେଉ ନାହାନ୍ତି - ରାୟ ଦିଆଗଲା ଯେ : ଉଚ୍ଚ ନ୍ୟାୟାଳୟ ବାସ୍ତବ ସ୍ଥିତିର ବିଶ୍ଳେଷଣ କରିନଥିଲେ ଏବଂ 1957 ମସିହାର ପଞ୍ଜାବ ଅଧିନିୟମର ପ୍ରାବଧାନଗୁଡ଼ିକର ପୁନର୍ବିଚାର ଉପରେ ମଧ୍ୟ ବିଚାର କରିନଥିଲେ, ଯେଉଁଗୁଡିକୁ ଆବେଦନକାରୀ ଏହି ଯୁକ୍ତି କରିବା ପାଇଁ ପ୍ରତିପାଦିତ କରିଥିଲେ ଯେ ଉତ୍ତରଦାତା ଜଣେ ସରକାରୀ କର୍ମଚାରୀ ଥିଲେ - ଫଳସ୍ୱରୂପ, ନୂତନ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟ କୁ ମାମଲା ଫେରାଇ ଦିଆଗଲା - ପଞ୍ଜାବ ସମବାୟ କୃଷି ବିକାଶ ବ୍ୟାଙ୍କ ଅଧିନିୟମ, 1957 - ଧାରା 2 (d), (f), (g) ଏବଂ 10 ।*

**ଉତ୍ତରଦାତା ପଞ୍ଜାବ କୃଷି ବିକାଶ ବ୍ୟାଙ୍କରେ ପରିଚାଳକ ଥିଲେ ।ଦୁର୍ନୀତି ନିବାରଣ ଅଧିନିୟମ, 1988 ର ଧାରା 7 ଏବଂ 13 (2) ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ବିଚାରଣ ନ୍ୟାୟାଳୟ ତାଙ୍କ ବିରୋଧରେ ଅଭିଯୋଗ ପ୍ରସ୍ତୁତ କଲେ । ଉତ୍ତରଦାତା ଫୌଜଦାରୀ ପୁନଃରୀକ୍ଷଣ ଆବେଦନ ଦାଖଲ କରି ଏହି ରାୟକୁ ଆପତ୍ତି କଲେ । ଉଚ୍ଚ ନ୍ୟାୟାଳୟ ଧରିନେଲେ ଯେ ଉତ୍ତରଦାତା "ସରକାରୀ କର୍ମଚାରୀ" ର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ ନୁହନ୍ତି ଏବଂ ଏହି ଆବେଦନକୁ ଅନୁମତି ଦେଇ ବିଚାରଣ ନ୍ୟାୟାଳୟଙ୍କର ରାୟକୁ ରଦ୍ଦ କରିଦେଲେ । ତେଣୁ ବର୍ତ୍ତମାନର ଏହି ଆବେଦନ ।**

**ଆବେଦନକୁ ଅନୁମତି ଦେଇ ଏବଂ ନୂତନ ବିଚାର ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟ କୁ ଫେରାଇ ଦେବାରେ , ଏହି ନ୍ୟାୟାଳୟ**

**ରାୟ ଦେଲେ ଯେ : ଉଚ୍ଚ ନ୍ୟାୟାଳୟ ବାସ୍ତବ ସ୍ଥିତି ବିଶ୍ଳେଷଣ କରିନାହାଁନ୍ତି।ଏହା ମଧ୍ୟ ଜଣା ନାହିଁ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପଚରା ଯାଇଥିବା ବ୍ୟାଙ୍କର ମୋଟ ଅଂଶ ପୁଞ୍ଜି ଏବଂ ଏହା ସରକାରୀ କମ୍ପାନୀର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ କି ନାହିଁ ବୋଲି , ତାହା ବିଷୟରେ ବିବରଣୀ ଯୋଗାଇ ଦିଆଯାଇଥିଲା କି ନାହିଁ ? ପଞ୍ଜାବ ରାଜ୍ୟ ସମବାୟ କୃଷି ବିକାଶ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠର ପ୍ରଭାବକୁ ମଧ୍ୟ ବିଚାର କରାଯାଇନଥିଲା ।ଆବେଦନକାରୀ ପଞ୍ଜାବ ସମବାୟ କୃଷି ବିକାଶ ବ୍ୟାଙ୍କ ଅଧିନିୟମ, 1957 ର ପ୍ରାବଧାନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା ଯେପରିକି ଧାରା ( d), 2 ( f), 2 ( g) ଏବଂ ଧାରା 10 କୁ ଏହା ଯୁକ୍ତି କରିବା ପାଇଁ ସୂଚିତ କରିଛନ୍ତି ଯେ ପୁନଃରୀକ୍ଷଣ ଆବେଦନକାରୀ ଜଣେ ସରକାରୀ କର୍ମଚାରୀ ଥିଲେ । ଉଚ୍ଚ ନ୍ୟାୟାଳୟଙ୍କୁ ଉପରୋକ୍ତ ପ୍ରାବଧାନ ଏବଂ ଉକ୍ତ ପଞ୍ଜାବ ଅଧିନିୟମ, 1957ର ଅନ୍ୟାନ୍ୟ ବ୍ୟବସ୍ଥାଗୁଡ଼ିକର ପ୍ରାସଙ୍ଗିକତା ଉପରେ ବିଚାର କରିବା ଆବଶ୍ୟକ ଥିଲା ।**

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 1505/2008

ଫୌଜଦାରୀ ପୁନଃରୀକ୍ଷଣ ସଂଖ୍ୟା 1320/2004 ରେ ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 20/7/2006ରେ ଅନ୍ତିମ ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ସହକାରୀ ଆଟର୍ଣ୍ଣି ଜେନରେଲ କେ. କେ. ଖୁରାନା, ଏ. କେ. ମେହେତା ଏବଂ କୁଳଦୀପ ସିଂହ ।

ଉତ୍ତରଦାତାଙ୍କ ତରଫରୁ ଗଗନ ଗୁପ୍ତା ।

**ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1.ଅନୁମତି ପ୍ରଦାନ କରାଗଲା ।

2. ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ରାୟ ଯାହା ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଫୌଜଦାରୀ ପୁନଃରୀକ୍ଷଣ ଆବେଦନ ପାଇଁ ଅନୁମତି ଦେଇଛି ତାହାକୁ ଏହି ଆବେଦନରେ ଆପତ୍ତି କରାଯାଇଛି ।

3. ଦୁର୍ନୀତି ନିବାରଣ ଅଧିନିୟମ, 1988 (ସଂକ୍ଷେପରେ 'ଅଧିନିୟମ') ର ଧାରା 7 ଏବଂ 13 (2) ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଉତ୍ତରଦାତା ବିରୋଧରେ ଅଭିଯୋଗ ପ୍ରସ୍ତୁତ କରି ମାନସା ର ବିଦ୍ୱାନ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ପାରିତ ହୋଇଥିବା ତାରିଖ 11.5.2004 ର ଆଦେଶକୁ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆପତ୍ତି କରାଯାଇଥିଲା । ଉତ୍ତରଦାତା ବୁଢ୍ଲାଢାରେ ପଞ୍ଜାବ କୃଷି ବିକାଶ ବ୍ୟାଙ୍କର ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ ।ଉଚ୍ଚ ନ୍ୟାୟାଳୟ ଙ୍କ ସମ୍ମୁଖରେ ଥିବା ଆଭିମୁଖ୍ୟ ଥିଲା ଯେ ଆଜ୍ଞାଦେଶ ଆବେଦନକାରୀଙ୍କୁ "ସରକାରୀ କର୍ମଚାରୀ" ର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ କାରଣ ବ୍ୟାଙ୍କ କେବଳ ଏକ ସମବାୟ ସମିତି ଏବଂ ଏହା ସରକାରଙ୍କ ଠାରୁ କୌଣସି ପ୍ରକାରର ସହାୟତା ଗ୍ରହଣ କରୁନାହିଁ । ପଞ୍ଜାବ ରାଜ୍ୟ ସମବାୟ କୃଷି ବିକାଶ ବ୍ୟାଙ୍କ ଲିମିଟେଡର ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଏକ ଶପଥ ପତ୍ର ଦାଖଲ କରାଯାଇଥିଲା ଯେ ରାଜ୍ୟ ସରକାର ଏହି ବ୍ୟାଙ୍କରେ ସେୟାର ପୁଞ୍ଜି ଭାବରେ Rs.50 ଲକ୍ଷ ଟଙ୍କା ବିନିଯୋଗ କରିଥିଲେ ଏବଂ ଏହି ବ୍ୟାଙ୍କ, ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ପରିଚାଳନା ନିର୍ଦ୍ଦେଶକ ରାଜ୍ୟ ସରକାରଙ୍କ ଅଧୀନରେ ସମବାୟ ସମିତିଗୁଡିକର ଅତିରିକ୍ତ ନିବନ୍ଧକ, ପଦବୀରେ ଜଣେ ଅଧିକାରୀ ଥିଲେ ଏବଂ ସେଥିପାଇଁ, ଆଜ୍ଞାଦେଶ ଆବେଦନକାରୀ ଜଣେ "ସରକାରୀ କର୍ମଚାରୀ" ଥିଲେ ।ଉଚ୍ଚ ନ୍ୟାୟାଳୟ ବ୍ୟାଙ୍କର ମୋଟ ଅଂଶ ପୁଞ୍ଜି ଜାଣିବାକୁ ଚାହୁଁଥିଲେ ଏବଂ ଏହା ମଧ୍ୟ ଜାଣିବାକୁ ଚାହୁଁଥିଲେ ଯେ ଏହା , କମ୍ପାନୀ ଅଧିନିୟମ, 1956 ର ଧାରା 617 ଅନୁଯାୟୀ ବ୍ୟାଖ୍ୟା କରାଯାଇଥିବା ସରକାରୀ କମ୍ପାନୀର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ କି ? ଅଧିନିୟମର ଧାରା 2 ର ଖଣ୍ଡ (c) ଉପଖଣ୍ଡ (ix) କୁ ସୂଚିତ କରି, ଉଚ୍ଚ ନ୍ୟାୟାଳୟ ହଠାତ୍ ଏକ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଉପରୋକ୍ତ ଖଣ୍ଡ ଉପରେ ନିର୍ଭର କରି ଅଭିଯୋଗଗୁଡିକ ପ୍ରସ୍ତୁତ ହୋଇଛି, କିନ୍ତୁ ପୁନଃରୀକ୍ଷଣ ଆବେଦନକାରୀ "ସରକାରୀ କର୍ମଚାରୀ" ର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ ହୁଅନ୍ତି ବୋଲି ତଥ୍ୟ ଉପରେ ଏହା କୁହାଯାଇପାରିବ ନାହିଁ । ତଦନୁସାରେ, ଏହା ପୁନଃରୀକ୍ଷଣ ଆବେଦନକୁ ଅନୁମତି ଦେଇଥିଲେ ଏବଂ ମାନସା ର ସ୍ୱତନ୍ତ୍ର ବିଚାରପତି ଙ୍କ ତାରିଖ 11.5.2004 ଆଦେଶକୁ ରଦ୍ଦ କରିଦେଲେ ।

4. ଆବେଦନର ସମର୍ଥନରେ, ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଦାଖଲ କରିଥିଲେ ଯେ ଅଧିନିୟମର ଧରା 2 ର ଖଣ୍ଡ (c) ର ଉପଖଣ୍ଡ (ix) ର ସ୍ୱଷ୍ଟ ପଠନ ଏହି ସ୍ଥିତିକୁ ସ୍ୱଷ୍ଟ କରେ ଯେ ଉତ୍ତରଦାତା ଜଣେ "ସରକାରୀ କର୍ମଚାରୀ" ଥିଲେ ।

5. ଅନ୍ୟପକ୍ଷରେ, ଉତ୍ତରଦାତା ପାଇଁ ବିଦ୍ୱାନ ଅଧିବକ୍ତା ଦାଖଲ କରିଥିଲେ ଯେ "ସରକାରୀ କର୍ମଚାରୀ" ର ସଂଜ୍ଞା ମଧ୍ୟରେ ଉତ୍ତରଦାୟୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଅତ୍ୟାବଶ୍ୟକ ଉପାଦାନ ଅନୁପସ୍ଥିତ ଏବଂ ତେଣୁ, ପୁନଃରୀକ୍ଷଣକୁ ଆବେଦନକୁ ଅନୁମତି ଦେବାରେ ଉଚ୍ଚ ନ୍ୟାୟାଳୟ ଏଠାରେ ନ୍ୟାୟସଙ୍ଗତ ଥିଲେ । ଧାରା 2 (c) (ix) ନିମ୍ନରେ ଦିଆଗଲା :

> " କୌଣସି ବ୍ୟକ୍ତି ଯିଏ କୃଷି, ଶିଳ୍ପ, ବାଣିଜ୍ୟ କିମ୍ବା ବ୍ୟାଙ୍କିଙ୍ଗରେ ନିୟୋଜିତ ଏକ ପଞ୍ଜୀକୃତ ସମବାୟ ସମିତିର ସଭାପତି, ସଚିବ କିମ୍ବା ଅନ୍ୟ ପଦାଧିକାରୀ, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଠାରୁ କିମ୍ବା କେନ୍ଦ୍ର, ପ୍ରାଦେଶିକ କିମ୍ବା ରାଜ୍ୟ ଅଧିନିୟମ ଦ୍ୱାରା କିମ୍ବା ତାହା ଅନୁଯାୟୀ ପ୍ରତିଷ୍ଠିତ କୌଣସି ନିଗମରୁ କିମ୍ବା କମ୍ପାନୀ ଅଧିନିୟମ, 1956 (1) ର ଧାରା 617 ରେ ବ୍ୟାଖ୍ୟା କରାଯାଇଥିବା ସରକାର କିମ୍ବା ସରକାରୀ କମ୍ପାନୀ ଦ୍ୱାରା ମାଲିକାନା କିମ୍ବା ନିୟନ୍ତ୍ରିତ କିମ୍ବା ସହାୟତା ପ୍ରାପ୍ତ କିମ୍ବା କୌଣସି କର୍ତ୍ତୃପକ୍ଷ କିମ୍ବା ସଂସ୍ଥା ଠାରୁ କୌଣସି ଆର୍ଥିକ ସହାୟତା ଗ୍ରହଣ କରନ୍ତି । "

6. ଉଚ୍ଚ ନ୍ୟାୟାଳୟ ବାସ୍ତବ ସ୍ଥିତିକୁ ବିଶ୍ଳେଷଣ କରିନାହାଁନ୍ତି ।ଏହା ମଧ୍ୟ ଜଣା ନାହିଁ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପଚରା ଯାଇଥିବା ବ୍ୟାଙ୍କର ମୋଟ ଅଂଶ ପୁଞ୍ଜି ଏବଂ ଏହା ସରକାରୀ କମ୍ପାନୀର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ କି ନାହିଁ ବୋଲି , ତାହା ବିଷୟରେ ବିବରଣୀ ଯୋଗାଇ ଦିଆଯାଇଥିଲା କି ନାହିଁ ?ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠର ପ୍ରଭାବକୁ ମଧ୍ୟ ବିଚାର କରାଯାଇ ନଥିଲା ।ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ଅଧିବକ୍ତା, ପଞ୍ଜାବ ସମବାୟ କୃଷି ବିକାଶ ବ୍ୟାଙ୍କ ଅଧିନିୟମ, 1957 (ସଂକ୍ଷେପରେ 'ପଞ୍ଜାବ ସଂଶୋଧନ') ର ପ୍ରାବଧାନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା ଯେପରିକି ଧାରା (d), 2 ( f), 2 ( g) ଏବଂ ଧାରା 10 କୁ ଏହା ଯୁକ୍ତି କରିବା ପାଇଁ ସୂଚିତ କରିଛନ୍ତି ଯେ ପୁନଃରୀକ୍ଷଣ ଆବେଦନକାରୀ ଜଣେ ସରକାରୀ କର୍ମଚାରୀ ଥିଲେ । ଏଠାରେ କହିବା ଅନାବଶ୍ୟକ ଯେ ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ପ୍ରାବଧାନ ଏବଂ ପଞ୍ଜାବ ଅଧିନିୟମର ଅନ୍ୟାନ୍ୟ ବ୍ୟବସ୍ଥାଗୁଡ଼ିକର ପ୍ରାସଙ୍ଗିକତା ଉପରେ ବିଚାର କରିବା ଆବଶ୍ୟକ ଥିଲା ।

7. ତେଣୁ, ଆମେ ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ଆଦେଶକୁ ରଦ୍ଦ କଲୁ ଏବଂ ଏହି ମାମଲାକୁ ନୂତନ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦେଲୁ ।

8. ସେହି ଅନୁଯାୟୀ ଆବେଦନକୁ ଅନୁମତି ଦିଆଗଲା ।

ବି.ବି. ବି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।